# Akashvani, Sambalpur

## SAMBALPURI NEWS EVENING BULLETIN

## 9 March 2025- 7.02 pm- 7.12 pm.

********************************************

୧- ସଂସଦ୍‌ର ବଜେଟ୍ ଅଧିବେଶନ୍‌ର ୨ ନମ୍ବର୍ ଖେପ୍ ଆଏବା କାଏଲ୍‌ନୁ ହେବା ମୁଳ୍ ।

୨- ବଢୁଥିବା ଖରାକେ ନଜର୍‌ଥି ରଖିକରି ନୂଆଁ ନଲ୍‌କୂଆଁ କୁଡ଼ାବାର୍ ଲାଗି ପଦକ୍ଷେପ୍ ନେଲେ ରାଜ୍ୟ ସର୍‌କାର୍ ।

୩- ସ୍ନାତକୋତର୍ ପାଠ୍‌ପଢ଼ାଥି ନାଁଲେଖା ଲାଗି ଆବେଦନ୍ ପ୍ରକ୍ରିୟା ଆଏବା କାଏଲ୍‌ନୁ ହେବା ମୁଳ୍ ।

ଆଉର୍

୪- ସର୍ବଭାରତୀୟ ଡି.ଏସ୍. କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ଥି କଟକ୍ ଦଲ୍ ଚମ୍ପିଆନ୍ ।

ସଂସଦ୍‌ର ବଜେଟ୍ ଅଧିବେଶନ ଏନ୍‌ଏସ୍‌ଡି

ସଂସଦ୍‌ର ବଜେଟ୍ ଅଧିବେଶନ୍‌ର ୨ ନମ୍ବର୍ ଖେପ୍ ଆଏବା କାଏଲ୍‌ଠାନୁ ମୁଳ୍ ହେବା । ଆଏବା ଏପ୍ରିଲ୍ ୪ ତାରିଖ୍‌ତକ୍

ଚାଲ୍‌ବାର୍‌କେ ଥିବା ଇ ଅଧିବେଶନ୍‌ଥି ୨୦ ଟା ବୈଠକ୍ ବସ୍‌ବା । ଅଧିବେଶନ୍‌ଥି ୨୦୨୫ -୨୬ ଆର୍ଥିକ୍ ବଛର୍ ଲାଗି ଅନୁଦାନ୍ ଦାବି ଆଉ  ବ୍ୟୟ ଅଟକଳ ବିଲ୍ ଉପ୍‌ରେ ଆଲୋଚନା ହେବା । ଇନ ଜନେଇ ଦିଆଯାଇପାରେ ଯେ, ସଂସଦ୍‌ର ବଜେଟ୍ ଅଧିବେଶନ୍‌ର ପହେଲା ଖେପ୍ ଗଲା ଜାନୁଆରୀ ୩୧ ତାରିଖ୍‌ନୁ ଫେବୃଆରୀ ୧୩ ତାରିଖ୍‌ତକ୍ ହେଇଥିଲା । ପହେଲା ଖେପେ ଲୋକ୍‌ସଭାର କାର୍ଯ୍ୟକାରିତା ଶହେ ୧୨ ପ୍ରତିଶତ୍ ହେଇଥିଲା ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି       ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଧାନ୍‌ସଭା ବଜେଟ୍ ଅଧିବେଶନ୍ ଚାଲିଥିବାର୍‌ନୁ ଭୁବନେଶ୍ୱର ୟୁନିଟ୍ ୫ ଠାନେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ନ ଆଏବା କାଏଲ୍ ଶୁଣାଣି ବନ୍ଦ ରହେବା । ଆଏବା ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମୁଖ୍ୟମନ୍ତ୍ରୀ- କେନ୍ଦୁଝର୍         I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ କେନ୍ଦୁଝର୍ ଜିଲ୍ଲାର୍ ଆନନ୍ଦପୁର୍ ଉପଖଣ୍ଡ ଲାଗି ପାଖାପାଖି ୪୨ କୋଟି ଟଙ୍କାର୍ ୧୬ ଟା ପ୍ରକଳ୍ପକେ ଉଦ୍‌ଘାଟନ୍ କରିଥିବାର୍ ବେଲେ ଭିନ୍ ଭିନ୍ ଉନ୍ନୟନ୍ କାମ୍ ଲାଗି ପାଖାପାଖି ଶହେ ୧୮ କୋଟି ଟଙ୍କା ଖର୍ଚ୍ଚାଥି ଭିନ୍ ଭିନ୍ ପ୍ରକଳ୍ପ ଲାଗି ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ । ମୁଖ୍ୟମନ୍ତ୍ରୀ ଆନନ୍ଦପୁର୍ ମହାବିଦ୍ୟାଲୟର୍ ୬୧ ନମ୍ବର୍ ବାର୍ଷିକ୍ ଉତ୍ସବ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମହାବିଦ୍ୟାଲୟର୍ ଭିତିଭୂମିର୍ ବିକାଶ୍ ଆର୍ ଉନ୍ନତି ଲାଗି ୭ କୋଟି ଟଙ୍କାର୍ ସାହାଜ୍ ଆର୍ ମହାବିଦ୍ୟାଲୟକେ ସ୍ୱୟଂଶାସିତ୍ କରାଯିବା ବଲି ଘୋଷ୍‌ନା କରିଛନ୍ ।

ପଂଚାୟତିରାଜ ମନ୍ତ୍ରୀ-ଗ୍ରୀଷ୍ମପ୍ରବାହ  ସମ୍ବଲ୍‌ପୁର୍ ସମ୍ବାଦଦାତା

ରାଏଜେ ବଢୁଥିବା ଖରାକେ ନଜର୍‌ଥି ରଖିକରି ୭୧ ଝନ୍ ରହୁଥିବା ଗାଁମାନ୍‌କେ ନଲ୍‌କୁଆଁ କୁଡ଼ାହେବା ବଲି ପଂଚାୟତିରାଜ୍ ଆର୍ ପାନୀୟ ଜଳ ବିଭାଗ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ କହିଛନ୍ । ପିଇବାର୍ ପାଏନ୍ ଯୁଗାବାର୍ ବ୍ୟବସ୍ଥାକେ ତୁର୍‌ତି କର୍‌ବାର୍ ସହେତେ ବସୁଧା ଯୋଜ୍‌ନାଥି ସୋଲାର୍ ପ୍ରକଳ୍ପ ମାନ୍‌କୁ ଭିଲ୍ କାର୍ଯ୍ୟକ୍ଷମ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ସେନ୍ତା ପଂଚାୟତ୍‌ସ୍ତର୍ ନ ଜଲ୍‌ଛତର୍

ଖୁଲ୍‌ବାର୍ ଆଉ ମେଗା ପାନୀୟ ଜଳ ପ୍ରକଳ୍ପମାନ୍‌କର୍ କାମ୍‌କେ ଠିକ୍ ସମିଆଥି ସାର୍‌ବାର୍‌କେ ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ । ସମ୍ବଲ୍‌ପୁର୍ ସାର୍କିଟ୍ ହାଉସ୍ ଠାନେ ହେଇଥିବା ସାମ୍ବାଦିକ୍ ସମ୍ମିଲନୀଥି ମନ୍ତ୍ରୀ କହିଛନ୍....

(ଭଏସ୍ ଓଭର୍- ପଂଚାୟତିରାଜ୍ ମନ୍ତ୍ରୀ)

ସେନ୍ତା ରାଏଜେ ବହୁତ୍‌ଟେ ଇଲାକା ନ ଜଙ୍ଗଲ୍‌ଜାତ ଦରବ୍ ମାନ୍‌କର୍ ଉପ୍‌ରେ ସେନର୍ ଲୋକ୍‌ମାନେ ନିର୍ଭର୍ କର୍‌ସନ୍ । ୧୯ ପ୍ରକାରର୍ ଲଘୁ ଜଙ୍ଗଲ୍‌ଜାତ ଦରବ୍‌ର ଏମ୍‌ଏସ୍‌ପି ଧାରିଜ୍ କରାଯାଇଛେ । ଇସବୁକେ ଆଏବା ୧୫ ତାରିଖ୍‌ନୁ ଏପ୍ରିଲ୍ ମାସ୍ ଶେଷ୍‌ତକ୍ ଘିନାଯିବା ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ବିଧାୟକ୍ ଅନନ୍ତ ଦାସ ପରଲୋକ୍ ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ଆଘର୍ ବିଧାୟକ୍ ଆଉ ମନ୍ତ୍ରୀ ଅନନ୍ତ ଦାସ୍‌ଙ୍କର୍ ପରଲୋକ୍‌ଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଶୋକପ୍ରକାଶ୍ କରିଛନ୍ । ସାମାଜିକ୍ ଗଣମାଧ୍ୟମ୍‌ଥି ଶ୍ରୀମତୀ ମୁର୍ମୁ କହିଛନ୍, ଅନନ୍ତ ଦାସ ଓଡ଼ିଶାର୍ ଝନେ ସମର୍ପିତ ଜନସେବକ ଥିଲେ । ରାଜ୍ୟବାସୀଙ୍କର୍ କଲ୍ୟାଣ୍ ଲାଗି ସେ ବହୁତ୍ କାମ୍ କରିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ୍ ମାଝୀ ତାଙ୍କର ଶୋକବାର୍ତାଥି କହିଛନ୍, ସ୍ୱର୍ଗତ ଦାସ ଝନେ ଲୋକପ୍ରିୟ ଜନନେତା ଆର୍ ଦକ୍ଷ

ପ୍ରଶାସକ୍ ଥିଲେ । ମନ୍ତ୍ରୀ ଆଉ ବିଧାୟକ୍ ଭାବେ ବାଲେଶ୍ୱର୍‌ର୍ ବିକାଶ୍ ଲାଗି ତାଙ୍କର୍ ବହୁତ୍ ଅବଦାନ୍ ରହିଛେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଶୋକପ୍ରକାଶ୍ କରିକରି ଓଡ଼ିଶା ରାଜନୀତି କ୍ଷେତ୍ରଥି ଅନନ୍ତ ଦାସ୍‌ଙ୍କର୍ ଯୋଗଦାନ୍ ସବୁ ଦିନ ସୋର୍ ରହେବା ବଲି କହିଛନ୍ । ବିଧାନ୍‌ସଭା ପରିସର୍ ନ ସ୍ୱର୍ଗତ ଦାସ୍‌ଙ୍କର୍ ମରଶରୀରଥି ବାଚସ୍ପତି ସୁରମା ପାଢ଼ୀ ଶ୍ରଦ୍ଧାଞ୍ଜଲି ଜନେଇଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ବାଲେଶ୍ୱର୍ ଜିଲ୍ଲା ଭୋଗରାଇର ଆଘର୍ ବିଧାୟକ୍ ଆର୍ ବିଜେଡ଼ିର୍ ବରିଷ୍ଠ ନେତା ଆର୍ ମନ୍ତ୍ରୀ ଅନନ୍ତ ଦାସ୍‌ଙ୍କର୍ ଆଏଜ୍ ପହପହନୁ ପରଲୋକ୍ ହେଇଛେ । ମୃତ୍ୟୁ ବେଲ୍‌କେ ତାଙ୍କୁ ୮୭ ବଛର୍ ବୟସ୍ ହେଇଥିଲା । ରାଜ୍ୟ ଉଚ୍ଚଶିକ୍ଷା ବିଭାଗ୍ ସହେତେ ବହୁତ୍‌ଟେ ଗୁରୁତ୍ୱପୂର୍ଣ୍ଣ ପଦ୍‌ବୀଥି ସେ କାମ୍ କରିଛନ୍ ।

ପିଜି ନାଁଲେଖା ହି.ସ.

୨୦୨୫-୨୬ ଶିକ୍ଷାବଛର୍‌ଥି ସ୍ନାତକୋତର-ପିଜି ପାଠ୍‌ପଢ଼ାଥି ନାଁଲେଖା ଲାଗି ଆବେଦନ୍ ପ୍ରକ୍ରିୟା ଆଏବାକାଏଲ୍‌ନୁ ମୁଲ୍ ହେବା । ୨୮ ତାରିଖ୍‌ତକ୍ ସାମ୍ସ ୱେବ୍‌ସାଇଟ୍ ଜରିଏ ଆବେଦନ୍ କରାଯାଇପାର୍‌ବା । ଛାତ୍ରଛାତ୍ରୀମାନ୍‌କୁ କମନ୍ ପିଜି ଏଂଟ୍ରାନ୍ସ ଟେଷ୍ଟ ପରୀକ୍ଷା ଦେବାର୍‌କେ ହେବା ଆଉ

ସେଥିର୍ ଆଧାର୍ଥି ସ୍ନାତକୋତର ପାଠ୍ୟକ୍ରମ୍ ଲାଗି ଛାତ୍ରଛାତ୍ରୀମାନ୍‌କୁ ବଛାଯିବା । କମନ୍ ପିଜି ଏଂଟ୍ରାନ୍ସ ଟେଷ୍ଟ ଆଏବା ମେ ମାସ ୪ ନୁ ୧୮ ତାରିଖ୍ ଭିତ୍‌ରେ ହେବା । ଇତାର୍‌ସହେତେ ଜୁଲାଇ ୧୦ ତାରିଖ୍‌ତକ୍ ବିଶ୍ୱ ବିଦ୍ୟାଲୟ ଆଉ ମହାବିଦ୍ୟାଲୟମାନ୍‌କେ ସ୍ନାତକୋତର ପାଠ୍ୟକ୍ରମ୍ ମୁଲ୍ ହେବାର୍ ଲକ୍ଷ୍ୟ ରଖାଯାଇଛେ ।

ଧାନ୍‌ଘିନା ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଆଏବା ରବି ଋତୁ ଲାଗି ମେ ମାସର୍ ପହେଲାନୁ ଧାନ୍ ଘିନା ପ୍ରକ୍ରିୟା ମୁଲ୍ ହେବା । ଇହାଦେତକ୍ ୧୫ ଲାଖ୍ ୬୫ ହଜାର୍ ଚାଷୀଙ୍କର୍‌ନୁ ୭୦ ହଜାର୍ ଟନ୍ ଖରିଫ୍ ଧାନ୍ ଘିନାଯାଇଛେ ବଲି ଖାଦ୍ୟଯୋଗାଣ ଆଉ ଖାଉଟି କଲ୍ୟାଣ୍ ବିଭାଗ୍ ତର୍‌ଫୁ ହେଇଥିବା ସମୀକ୍ଷା ବୈଠକ୍‌ନୁ ଜନାପଡ଼ିଛେ । ଇହାଦେତକ୍ ୫୨ ପ୍ରତିଶତ୍ ହିତାଧିକାରୀଙ୍କର୍ ଇ-କେୱାଇସି ପ୍ରକ୍ରିୟା ଶେଷ୍ ହେଇଛେ । ଇତାକେ ଜଲ୍‌ଦି ସାର୍‌ବାର୍ ଲାଗି ବିଭାଗୀୟ ମନ୍ତ୍ରୀ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ୩୦ ଟା ଯାକ ଜିଲ୍ଲା ନ ଇ ବଛ୍ରର୍ ପହେଲା ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍‌ଥି ଗଲାକାଏଲ୍ ୧ ଲାଖ୍ ୫୯ ହଜାର୍ ୨୪ ଟା ମାମ୍‌ଲାର୍ ଶୁଣାଣି ହେଇଛେ । ଇତାର୍‌ସହେତେ ଜରିମାନା ଆଉ ଭର୍‌ନା ବାବ୍‌ଦେ ଶହେ ୭୯ କୋଟି ୯୧ ଲାଖ୍ ୪୩ ହଜାର୍‌ନୁ ଅଏତ୍‌କା ଟଙ୍କା ଆଦାୟ କର୍‌ବାର୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ ।

ଟ୍ରେନ୍ ଚଲାଚଲ୍-ମୁଖ୍ୟମନ୍ତ୍ରୀ ଏକ୍ସ

ଭୁବ୍‌ନେଶ୍ୱର୍ ନୂଆଁ ରେଲ୍‌ଷ୍ଟେସନ୍‌ନୁ ୩ ଟା ଏକ୍ସପ୍ରେସ୍ ଟ୍ରେନ୍ ଚାଲିଥିବାର୍‌ନୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କେନ୍ଦ୍ର ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍‌ଙ୍କୁ ଧନ୍ୟବାଦ୍ ଜନେଇଛନ୍ । କୋଣାର୍କ ଏକ୍ସପ୍ରେସ୍, ବିଶାଖା ଏକ୍ସପ୍ରେସ୍ ଆର୍ ଇଂଟର୍‌ସିଟି ଏକ୍ସପ୍ରେସ୍ ନୂଆଁ ରେଲ୍‌ଷ୍ଟେସନ୍‌ନୁ ଚାଲିଥିବାର୍ ଲାଗି ଖାସ୍‌କରି ଛାତ୍ରଛାତ୍ରୀ, ସାଧାରଣ୍ ଲୋକ୍ ଆର୍ ରୋଗୀମାନ୍‌କୁ ସାହାଜ୍ ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ପୁରୀ ରଥଯାତ୍ରା-ବିଶ୍ୱ ସାଂସ୍କୃତିକ୍ ଐତିହ୍ୟର୍ ମାନ୍ୟତା/ପୁରୀ

ପୁରୀ ଶ୍ରୀଜଗନ୍ନାଥ୍ ମହାପ୍ରଭୁଙ୍କର୍ ରଥଯାତ୍ରାକେ ୟୁନେସ୍କୋ ତର୍‌ଫୁ ବିଶ୍ୱ ସାଂସ୍କୃତିକ୍ ଐତିହ୍ୟର୍ ମାନ୍ୟତା ଦିଆଯିବାର୍

ପ୍ରକ୍ରିୟା ମୁଲ୍ ହେଇଛେ । ଇ ବାବ୍‌ଦେ ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ନାମାଙ୍କନ୍ ପତ୍ର ପ୍ରସ୍ତୁତି ଚାଲିଥିବାର୍ ବେଲେ ଖୋବ୍ ଜଲ୍‌ଦି ଇତାକେ ଦାଖଲ୍ କରାଯିବା । ଇ ବାବ୍‌ଦେ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ୍ ଡକ୍ଟର୍ ଅରବିନ୍ଦ ପାଢ଼ୀ - କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଲୟର୍ ବରିଷ୍ଠ ଅଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ ।

କାମ୍‌ଧେନୁ ଯୋଜ୍‌ନା-ତାଲିମ୍ ଶିବିର     ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଅତଲ୍‌ସରା ଗାଁ ନ ମୁଖ୍ୟମନ୍ତ୍ରୀ କାମ୍‌ଧେନୁ ଯୋଜ୍‌ନା ବାବ୍‌ଦେ ଗୁଟେ ତାଲିମ୍ ଶିବିର୍ ହେଇଯାଇଛେ । ଜିଲ୍ଲା ପଶୁପାଲନ୍ ବିଭାଗ ତର୍‌ଫୁ ହେଇଥିବା ଶିବିରଥି ପାଖାପାଖି ୫୦ ଝନ୍ ଗୁରସ୍ ଚାଷୀ ସାମିଲ୍ ହେଇଥିଲେ । ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର୍ ବୀରେନ୍ଦ୍ର କୁମାର୍ ପୃଷ୍ଟି ଚାଷୀମାନ୍‌କୁ କାମ୍‌ଧେନୁ ଯୋଜ୍‌ନା ଆର୍ ଗୋପାଲନ୍ ବାବ୍‌ଦେ ତାଲିମ୍ ଦେଇଥିଲେ ।

ଧ୍ୱନି ମନ୍ଦିର୍ ଥାପ୍‌ନା, ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ବଲାସିଙ୍ଗା ମହୁଲମୁଲ୍ ମହିମାପୀଠ ନ ନୂଆଁକରି ତିଆର୍ ହେଇଥିବା ଧ୍ୱନି ମନ୍ଦିର୍ ଥାପ୍‌ନା ଆର୍ ବିଶ୍ୱଶାନ୍ତି

ବ୍ରହ୍ମଯଜ୍ଞ ମୁଲ୍ ହେଇଛେ । ଗଲାକାଏଲ୍ ହେଇଥିବା କାର୍ଯ୍ୟକ୍ରମ୍‌ଥି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ଆଉ କଂଟାମାଲ୍ ବିଧାୟକ୍ କହ୍ନେଇ ଚରଣ୍ ଡାଙ୍ଗ୍ ଭିଲ୍ ଇ ଅବ୍‌ସରେ ଉପସ୍ଥିତ୍ ଥିଲେ ।

ବୌଦ୍ଧ- ଜଙ୍ଗଲ ନିଆଁ            ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଜାମୁଖୋଲ୍-ଡିମିରିମୁଣ୍ଡା ଆର୍ ଡମାମୁଣ୍ଡା ଗାଁ ଜଙ୍ଗଲ ସହେତେ ଅଲ୍‌ଗା ଜଙ୍ଗଲ୍ ନ ଜୁଏ ଲାଗିଛେ । ଇତାର୍‌ସହେତେ ଜଙ୍ଗଲ୍ ନିଆଁଥି ୮ ବଖ୍‌ରା ଘର୍ ଭିଲ୍ ଜଲିଯାଇଛେ । ଘଟ୍‌ନାଜାଗାଥି ଅଗ୍ନିଶମ ବାହିନୀ ପୁହୁଁଚିକରି ନିଆଁ ଲିଭା କାମ୍ କରିଥିଲେ ।

ମହିଲା ଦିବସ        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ମହିଲାମଣ୍ଡଲ୍ ନବଜ୍ୟୋତି ଶାଖାର୍ ମିଲିତ୍ ସାହାଜ୍‌ଥି ମହିଲା ଦିବସ୍ ଅବ୍‌ସରେ ୧୦ ଝନ୍ ମହିଲା ସ୍ୱାସ୍ଥ୍ୟକର୍ମୀଙ୍କୁ ସମ୍ବର୍ଦ୍ଧିତ୍ କରାଯାଇଛେ । କୋମ୍‌ନା ଖଡ଼ିଆଲ୍ ବୋଡ଼େନ୍ ଆର୍ ସିନାପାଲି ଇଲାକା ନ କାମ୍‌ନୁ

ଅବ୍‌ସର୍ ନେଇଥିବା ସ୍ୱାସ୍ଥ୍ୟକର୍ମୀ ଆଉ କାମ୍ କରୁଥିବା କର୍ମୀମାନ୍‌କୁ ତାଙ୍କର୍ ଅବଦାନ୍ ଲାଗି ଇ ଅବ୍‌ସରେ ସମ୍ବର୍ଦ୍ଧିତ୍ କରାଯାଇଛେ ।

ଡି.ଏସ୍. କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ      ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଫୁଟ୍‌ବଲ୍ ଆସୋସିଏସନ୍ ତର୍‌ଫୁ ଚାଲିଥିବା ସର୍ବଭାରତୀୟ ଡି.ଏସ୍. କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ଥି ଆଏଜ୍ କଟକ୍ ଦଲ୍ ଚମ୍ପିଆନ୍ ହେଇଛେ । କଟକ୍ ଦଲ୍ ଟାଇବ୍ରେକର୍‌ଥି ୭-୬ ଗୋଲ୍ ଦେଇକରି ଏମ୍‌ଇଜି ସେଂଟର୍ ବେଙ୍ଗଲୋର୍‌କେ ହରେଇଛେ । ଉଦ୍‌ଯାପନୀ ସମାରୋହଥି ମୁଖ୍ୟଅତିଥି ଭାବେ ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଯୋଗ୍ ଦେଇକରି ବିଜେତା ଆଉ ଉପବିଜେତା ଦଲ୍‌କେ ପୁରସ୍କୃତ କରିଥିଲେ ।

ପାଣିପାଗ      ଆର୍‌ଏନ୍‌ୟୁ/ସମ୍ବଲପୁର

ରାଏଜେ ଆଏବା ୪/୫ ଦିନ୍ ଭିତ୍‌ରେ ଦିନର୍ ତାପମାତ୍ରା ୩ ନୁ ୫ ଡିଗ୍ରୀତକ୍ ବଢ଼୍‌ବା ଆର୍ ରାତିର୍ ତାପମାତ୍ରା ଭିଲ୍ ୨ ନୁ ୪ ଡିଗ୍ରୀତକ୍ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ସେନ୍ତା ଆଏବା

୫ ଦିନ୍ ଭିତ୍‌ରେ ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଇଲାକାର୍ ତାପମାତ୍ରା ୪୦ ଡିଗ୍ରୀ ଉପ୍‌ରେ ରହେବା ।

ସେଆଡ଼େ ଆଏଜ୍ ରାଜ୍ୟର୍ ସବୁନୁ ଜହ ତାତି ବୌଦ୍ଧ ନ ୩୮ ଦଶ୍‌ମିକ୍ ୫ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ସେନ୍ତା ଟିଟିଲାଗଡ୍ ନ ୩୮, ବଲାଙ୍ଗିର୍ ଆର୍ ଝାର୍‌ସୁଗୁଡ଼ା ନ ୩୭ ଦଶ୍‌ମିକ୍ ୪, ସୋନ୍‌ପୁର୍ ନ ୩୭ ଦଶ୍‌ମିକ୍ ୨, ଭବାନୀପାଟ୍‌ନା ନ ୩୭ ଆର୍ ସମ୍ବଲ୍‌ପୁର୍ ନ ୩୬ ଦଶ୍‌ମିକ୍ ୯ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।